# Akashvani, Sambalpur

# SAMBALPURI NEWS MORNING BULLETIN

# 12 September 2026 - 6.47- 6.52 am.

---

ମୁଖ୍ୟମନ୍ତ୍ରୀ- ୟୁଏଇ ଆଇ ଆଣ୍ଡ ପି.ଆର୍

ପୁଞ୍ଜି, ପ୍ରଯୁକ୍ତିବିଦ୍ୟା, ଉତ୍ପାଦନ୍ ଭାଗିଦାରୀ ଆଉ ଅନ୍ତର୍ଜାତୀୟ ବଜାର୍ ନ ପ୍ରବେଶ୍ ଲାଗି ରାଜ୍ୟର୍ ବିଶ୍ୱସ୍ତରୀୟ ପ୍ରୟାସ୍‌କେ ଜୋର୍‌ଦାର୍ କର୍‌ବାର୍ ସହେତେ ୟୁଏଇ ନ ଓଡ଼ିଶାର୍ ୩ ଦିନିଆ ପୁଞ୍ଜିନିବେଶ୍ ଅଭିଯାନ୍ ଶେଷ୍ ହେଇଛେ । ଇ ଅବ୍‌ସରେ ମୋଟ୍ ୨ ଲାଖ୍ ୪୩ ହଜାର୍ ଶହେ ୬୨ କୋଟି ଟଙ୍କାର୍ ପ୍ରସ୍ତାବିତ୍ ପୁଞ୍ଜିନିବେଶ୍ ଆଉ ୬ ଲାଖ୍ ୨୮ ହଜାର୍ ୭ ଶହ ୨୫ ଟା ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବାର୍ ସମ୍ଭାବନା ରହିଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ନେତୃତ୍ୱଥି ଆବୁଧାବି ଆଉ ଦୁବାଇ ନ ହେଇଥିବା ୩ ଦିନିଆ କାର୍ଯ୍ୟକ୍ରମ୍‌ଥି ୫୨ ଟା ୱାନ୍-ଟୁ-ୱାନ୍ ନିବେଶକ୍ ବୈଠକ୍ ଆଉ ରାଉଣ୍ଡ୍ ଟେବୁଲ୍ ଆଲୋଚନା ଉତାରୁ ୧୬ ଟା ବୁଝାମଣାପତ୍ର ଆଉ ପୁଞ୍ଜିନିବେଶ୍ ପ୍ରସ୍ତାବ୍ ସ୍ୱାକ୍ଷରିତ୍ ହେଇଛେ । କାର୍ଯ୍ୟକ୍ରମ୍‌ଥି

ୟୁଏଇ ନିବେଶକ୍, ବିଶ୍ୱସ୍ତରୀୟ ବ୍ୟବସାୟୀ, ଭାରତୀୟ କୁଟନୈତିକ ପ୍ରତିନିଧି, ଆଉ ଓଡ଼ିଆ ପ୍ରବାସୀମାନେ ଯୋଗ୍ ଦେଇଥିଲେ । ଦୁବାଇ ଠାନେ ୮ ଶହ ନୁ ଅଏତ୍କା ଓଡ଼ିଆ ସମୁଦାୟର୍ ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କର୍ ସାଙ୍ଗେ ଆଲୋଚନା କରିଥିଲେ ।

ଜଲବିଦ୍ୟୁତ୍ ପ୍ରକଳ୍ପ ସମ୍ମିଲନୀ ଆର୍ଏନ୍ୟୁ/ ସମ୍ବଲପୁର

ଭୁବନେଶ୍ୱର୍ ନ କ୍ଷୁଦ୍ର ଜଲବିଦ୍ୟୁତ୍ ପ୍ରକଳ୍ପ ବିକାଶ୍ ଯୋଜ୍ନାର ଗୁଟେ ଉଚ୍ଚସ୍ତରୀୟ ଅଂଶୀଦାର୍ ଆଲୋଚନାଚକ୍ର ହେଇଯାଇଛେ । ଇଥି ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଯୋଗ୍ ଦେଇକରି ରାଏଜେ ପରିବେଶ୍ ଅନୁକୂଳ ଆଉ ସ୍ଥାନୀୟ ବିଦ୍ୟୁତ୍ ଉତ୍ପାଦନ୍ ଉପ୍ରେ ଜୋର୍ ଦେଇଛନ୍ । ସବୁଜ ଆଉ ନବୀକରଣୀୟ ଶକ୍ତିର ବିକାଶ୍ ସହେତେ କ୍ଷୁଦ୍ର ଜଲ ବିଦ୍ୟୁତ୍ କ୍ଷେତ୍ର ନ ନୂଆଁ ପୁଞ୍ଜିନିବେଶ୍ ଆନ୍ବାର୍ ଲାଗି ସର୍କାର୍ ଜୋର୍ ଦେଉଛନ୍ ବଲି ଶ୍ରୀ ସିଂହଦେଓ କହିଛନ୍ ।
(ଭଏସ୍ ଓଭର୍- କେ.ଭି. ସିଂହଦେଓ)

ଉପମୁଖ୍ୟମନ୍ତ୍ରୀ-ଆଶିର୍ବାଦ୍‌ର ଦୀପ ଆଇ ଆଣ୍ଡ୍ ପି.ଆର୍

ରାଏଜେ ଆଏବା ୧୭ ତାରିଖ୍ ସଞ୍ଜେ 'ଆଶିର୍ବାଦ୍‌ର ଦୀପ' କାର୍ଯ୍ୟକ୍ରମ୍‌ଥି ସବୁ ମହିଲା ହିତାଧିକାରୀମାନେ ନିଜର୍ ଘର୍ ମାନ୍‌କେ ଦୀପ ଜାଲ୍‌ବାର୍ ଲାଗି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆହ୍ବାନ୍ ଦେଇଛନ୍ । ଭୁବ୍‌ନେଶ୍ୱର୍ ନ ଗଲାକାଏଲ୍ ହେଇଥିବା ସମୀକ୍ଷା ବୈଠକଥି ଇ ନିଷ୍ପତି ନିଆଯାଇଛେ । ସେବା, କୃତଜ୍ଞତା ଆଉ ମହିଲା ସଶକ୍ତିକରଣ୍‌ର ପ୍ରତୀକ୍ ଭାବେ ଦୀପ ଜଲାଯିବା ବଲି ଶ୍ରୀମତୀ ପରିଡ଼ା କହିଛନ୍ । ଇଥି ରାଜ୍ୟର୍ ସ୍ୱୟଂ ସହାୟକ ଗୋଷ୍ଠୀ,କ୍ଲଷ୍ଟର୍ ସ୍ତରୀୟ ମହାସଂଘ, ଗ୍ରାମ୍ ପଂଚାୟତ୍ ସ୍ତରୀୟ ମହାସଂଘ, ବ୍ଲକ୍ ଆଉ ଜିଲ୍ଲାସ୍ତରୀୟ ମହାସଂଘ ଙ୍କର୍ ସହେତେ ଉତ୍ପାଦକ ଗୋଷ୍ଠୀମାନେ ସକ୍ରିୟ ଭାବେ ଭାଗ୍ ନେବେ । ଇନ ଜନେଇ ଦିଆଯାଇପାରେ ଯେ, ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଆଏବା ୧୭ ତାରିଖ୍‌ନୁ ଅକ୍ଟୋବର୍ ମାସର୍ ୧୭ ତାରିଖ୍‌ତକ୍ ହେବାର୍‌କେ ଥିବା ସେବା ସଂକଳ୍ପ ଅଭିଯାନ୍-୨୦୨୬ର ଅଂଶ ଭାବେ ଆଶୀର୍ବାଦ୍‌ର ଦୀପ କାର୍ଯ୍ୟକ୍ରମ୍ ପରିଚାଲିତ୍ ହେଉଛେ ।

ପଂଚାୟତିରାଜ୍ ବିଭାଗ-ସମୀକ୍ଷା ଆଇ ଆଣ୍ଡ୍ ପି.ଆର୍

ପଂଚାୟତିରାଜ୍ ବିଭାଗ୍ ତର୍ଫୁ ସେବା ସଂକଳ୍ପ ଅଭିଯାନ୍‌ର ପ୍ରସ୍ତୁତି ବାବ୍‌ଦେ ଗଲାକାଏଲ୍ ସମୀକ୍ଷା କରାଯାଇଛେ । ଗ୍ରାମ୍ୟ ଉନ୍ନୟନ୍ ଆଉ ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାୟକ୍, ସର୍‌କାରୀ ଯୋଜ୍‌ନା ଆଉ ସେବାର୍ ସୁଫଲ୍ ଫି' ଯୋଗ୍ୟ ହିତାଧିକାରୀଙ୍କର୍ ପାଶ୍‌କେ ପୁହୁଁଚାବାର୍ ଉପ୍‌ରେ ଜୋର୍ ଦେଇଥିଲେ । ବୈଠକ୍‌ଥି 'ସେବାସେତୁ' ଏକ୍ ପେଡ୍ ମା କେ ନାମ୍ ଅଧୀନ୍‌ଥି ମେଗା ବୃକ୍ଷରୋପଣ୍ ଆଉ ସ୍ୱଚ୍ଛତା ହିଁ ସେବା -୨୦୨୬ ଲାଗି ପ୍ରସ୍ତୁତିର୍ ସମୀକ୍ଷା କରାଯିବାର୍ ସହେତେ ତୃଣମୂଳସ୍ତର୍ ନ ବିଭାଗୀୟ ସମନ୍ୱୟ ଆଉ ଜନଭାଗିଦାରୀ ଉପ୍‌ରେ ଜୋର୍ ଦିଆଯାଇଥିଲା । ବ୍ଲକ୍ ଆଉ ପଂଚାୟତ୍‌ସ୍ତର୍ ନ ଠିକ୍ କରି କ୍ଷେତ୍ରସ୍ତରୀୟ ପ୍ରସ୍ତୁତି ଆଉ ଲୋକ୍‌ମାନ୍‌କର୍ ଅଂଶଗ୍ରହଣ୍ ଉପ୍‌ରେ ଭିଲ୍ ଆଲୋଚନା କରାଯାଇଥିଲା । ସେନ୍ତା ଆଏବା ୧୭ ନୁ ଅକ୍ଟୋବର୍ ମାସ ୨ ତାରିଖ୍‌ତକ୍ ପାଲିତ୍ ହେବାର୍‌କେ ଥିବା ସ୍ୱଚ୍ଛତା ହିଁ ସେବା -୨୦୨୬ ଲାଗି ପ୍ରସ୍ତୁତିର ଭିଲ୍ ସମୀକ୍ଷା କରାଯାଇଥିଲା ।

ବୁଝାମଣାପତ୍ର ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ପୁଲିସ୍, ଅପରେସନ୍ସ ୱିଙ୍ଗ୍ ଆଉ ଭାରତୀୟ ଷ୍ଟେଟ୍‌ବେଙ୍କ୍ ଭିତ୍‌ରେ ଭୁବ୍‌ନେଶ୍ୱର୍ ନ ଗୁଟେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ଓଡ଼ିଶା ସ୍ପେଶାଲ୍ ଷ୍ଟ୍ରାଇକିଂ ଫୋର୍ସ- ଓଏସ୍‌ଏସ୍‌ଏଫ୍ ଯବାନ୍ ମାନ୍‌କୁ ଅଏତ୍‌କା ସୁବିଧା ଆଉ ସୁରକ୍ଷା ଯୁଗେଇ ଦେବାର୍ ଲାଗି ଇ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ଓଡ଼ିଶା ପୁଲିସ୍ ତର୍‌ଫୁ ଆଇଜିପି ଅପରେସନ୍‌ର ଡକ୍ଟର୍ ଦୀପକ୍ କୁମାର୍ ଆଉ ଷ୍ଟେଟ୍ ବେଙ୍କ୍ ତର୍‌ଫୁ ଡିଜିଏମ୍ ଆଶିଷ୍ କୁମାର୍ ମିଶ୍ର ଇ ବୁଝାମଣାପତ୍ରଥି ସ୍ୱାକ୍ଷର୍ କରିଛନ୍ । ବୁଝାମଣାପତ୍ର ଅନ୍‌ସାରେ ୫୦ ଲାଖ୍ ଟଙ୍କାର୍ ଦୁର୍ଘଟଣା ବୀମା, ୧୦ ଲାଖ୍ ଟଙ୍କାର ଏୟାର୍ ଏମ୍ବୁଲେନ୍ସ ଖର୍ଚ୍ଚା ଆଉ ପିଲାଛୁଆଙ୍କର୍ ଉଚ୍ଚଶିକ୍ଷା ଲାଗି ୧୦ ଲାଖ ଟଙ୍କା ସାହାଜ୍ ଆଉ ପ୍ଲାଷ୍ଟିକ୍ ସର୍ଜରୀ ଲାଗି ୧୦ ଲାଖ୍ ଟଙ୍କାତକ୍ ସୁବିଧା ରହିଛେ ।

ସ୍ୱଚ୍ଛତା ହିଁ ସେବା ଆଇ ଆଣ୍ଡ୍ ପି.ଆର୍

ଭୁବ୍‌ନେଶ୍ୱର୍ ନ ପୌର ପ୍ରଶାସନ୍ ନିର୍ଦ୍ଦେଶକ୍ ଅରିନ୍ଦମ୍ ଡାକୁଆଙ୍କର୍ ଅଧ୍ୟକ୍ଷତାଥି ସ୍ୱଚ୍ଛତା ହିଁ ସେବା -୨୦୨୬ ଉପ୍‌ରେ ଗୁଟେ ଉଚ୍ଚାଦର୍‌ଜାର୍ ରାଜ୍ୟସ୍ତରୀୟ ଅଭିମୁଖ୍ୟ ବୈଠକ୍ ହେଇଯାଇଛେ ।

ବୈଠକ୍‌ଥି ସବୁ ସହରାଂଚଲ୍ ସ୍ଥାନୀୟ ସଂସ୍ଥାର ପ୍ରସ୍ତୁତି ସମୀକ୍ଷା କରାଯିବାର୍ ସହେତେ ସ୍ୱଚ୍ଛତା ହିଁ ସେବା-୨୦୨୬କେ ସହରାଂଚଲ୍ ନ ପ୍ରଭାବଶାଲୀ ଭାବେ କାର୍ଯ୍ୟକାରୀ କର୍‌ବାର୍‌କେ ଗୁଟେ ସମନ୍ୱିତ୍ ରାଜ୍ୟସ୍ତରୀୟ ରୋଡ୍‌ମେପ୍ ତିଆର୍ କରାଯାଇଛେ । ସହର୍ ମାନ୍‌କର୍ ଆବର୍ଜନା ପ୍ରବଣ୍ ଜାଗାମାନ୍‌କୁ ଚିହ୍ନଟ୍ ସଫେଇ ଆଉ ଉନ୍ନତିକରଣ୍ ଉପ୍‌ରେ ଜୋର୍ ଦିଆଯିବା । ସଫେଇ ମିତ୍ର ମାନ୍‌କର୍ ସୁରକ୍ଷା, ସ୍ୱାସ୍ଥ୍ୟ ଆଉ କଲ୍ୟାଣ୍ ଲାଗି ଖାସ୍ ଶିବିର୍ ମାନ୍ ଆୟୋଜନ୍ କରାଯିବାର୍ ସହେତେ ସେମାନ୍‌କର୍ ମର୍ଯ୍ୟାଦା ଆଉ ସୁରକ୍ଷିତ୍ କାର୍ଯ୍ୟ ପରିବେଶ୍ ସୁନିଶ୍ଚିତ୍ କରାଯିବା । ଇତାର୍‌ସହେତେ ଜନଭାଗିଦାରୀ ଜରିଏ ନାଗରିକ୍‌ମାନ୍‌କୁ ସ୍ୱଚ୍ଛତା ଅଭିଯାନ୍‌ର ସକ୍ରିୟ ସହଭାଗୀ କରାଯିବା ।

ଭୂପିନ୍ଦର୍ ସିଂ ପୁନିଆ      ବୌଦ୍ଧ ସମ୍ବାଦଦାତା

ରାଜ୍ୟ ସର୍‌କାର୍‌ଙ୍କର୍ ସଚିବ ଭୂପିନ୍ଦର୍ ସିଂ ପୁନିଆ ବୌଦ୍ଧ ଜିଲ୍ଲା ଆସିକରି ଭିନ୍ ଭିନ୍ ଉନ୍ନୟନ୍‌ମୂଳକ୍ କାମ୍ ଆଉ ଜନକଲ୍ୟାଣ୍‌କାରୀ ଯୋଜ୍‌ନାର୍ କାର୍ଯ୍ୟାନ୍ୱୟନ୍ ପରିଦର୍ଶନ୍ କରିଛନ୍ । ଖାଉଟି ବଂଟନ୍

ବ୍ୟବସ୍ଥା, ଭିନ୍ ଭିନ୍ ଭତା ପାଉଥିବା ହିତାଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା, ଅଙ୍ଗନବାଡ଼ି କେନ୍ଦ୍ର ଆଉ ପ୍ରାଥମିକ ବିଦ୍ୟାଲୟ ପରିଦର୍ଶନ୍ ସହେତେ ବୁଣାକାର୍ କେନ୍ଦ୍ର ପରିଦର୍ଶନ୍ କରିକରି ଉତ୍ପାଦନ୍ ଆଉ ବିକ୍ରି ବ୍ୟବସ୍ଥା ବାବ୍‌ଦେ ମହିଳା କାରିଗର୍‌ମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ଇତାର୍‌ଛଡ଼ା ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜୀବିକା ଆଉ ମହିଳା ସଶକ୍ତିକରଣ୍ କ୍ଷେତ୍ର ନ ଚାଲୁଥିବା ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ର ସ୍ଥିତି ଅନୁଧ୍ୟାନ୍ କରିଛନ୍ ।

ଭିନ୍ନକ୍ଷମ ବ୍ୟକ୍ତି ଅଧିକାର୍ ଅଧିନିୟମ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ସର୍‌କାରୀ ମହିଳା ମହାବିଦ୍ୟାଳୟ ନ ଭିନ୍ନକ୍ଷମ ବ୍ୟକ୍ତିଙ୍କର୍ ଅଧିକାର୍ ଅଧିନିୟମ୍ -୨୦୧୬ ବାବଦ୍ ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇଥି ସମ୍ବଲ୍‌ପୁର୍, ବର୍‌ଗଡ୍ ଆଉ ଝାର୍‌ସୁଗୁଡ଼ା ଜିଲ୍ଲାର୍ ୮ ଟା ମହାବିଦ୍ୟାଳୟର୍ ଛାତ୍ରଛାତ୍ରୀ ଆଉ ଶିକ୍ଷକ୍‌ମାନେ ଯୋଗ୍ ଦେଇଥିଲେ ।